# ଓଡ଼ିଶାରେ ହିନ୍ଦୁସ୍ତାନ ମୋଟର୍ସର ରୋଡ ଶୋ




କଟକ-ଅନ୍ୟତମ ଅଟୋମୋବାଇଲ କମ୍ପାନୀ ହିନ୍ଦୁସ୍ତାନ ମୋଟର୍ସ ପକ୍ଷରୁ ସଂପ୍ରତି ଓଡ଼ିଶାରେ ଏକ ରୋଡ ସୋ ଆୟୋଜନ କରାଯାଇଛି । ଆଗାମୀ ଦିନରେ ବଜାର ପ୍ରବେଶ ଉଦ୍ଦେଶ୍ୟରେ ନିର୍ମିତ କମ୍ପାନୀର ବିଭିନ୍ନ ମଡେଲ ବିଷୟରେ ଗ୍ରାହକଙ୍କୁ ଅବଗତ କରାଇବା ନିମନ୍ତେ ଏହା ଏକ ଉଦ୍ୟମ ବୋଲି କମ୍ପାନୀ ପକ୍ଷରୁ ଜାରି ପ୍ରେସ ଇସ୍ତାହାରରେ କୁହାଯାଇଛି । ଏଗୁଡିକ ମଧ୍ୟରେ ରହିଛି କମ୍ପାନୀର ଫ୍ଲାଗସିପ୍ କୁହାଯାଉଥିବା ଆମ୍ବାସଡର କାରର ଏକ ନୂତନ ଡିଜେଲ ସଂସ୍କରଣ ଏବଂ ଲାଇଟ କମର୍ସିଆଲ ଡିଜେଲ ଗାଡି ଏଚଏମ-ୱିନର । ଆସନ୍ତା ଦୁଇ ତିନି ମାସ ମଧ୍ୟରେ ଏହି ଦୁଇଟି ଗାଡି ଓଡ଼ିଶାରେ ବଜାର ପ୍ରବେଶ କରିବ ବୋଲି କମ୍ପାନୀ ସୂତ୍ରରୁ ଜଣାପଡିଛି । ଭୁବନେଶ୍ୱର, ପୁରୀ, ସମ୍ବଲପୁର ଓ ବରଗଡର ବିଭିନ୍ନ ସ୍ଥାନରେ ଏହି ରୋଡ ସୋ'ର ଆୟୋଜନ କରାଯାଇଛି ।